## ଆଜି କ'ଣ କେଉଁଠି

ଢେଙ୍କାନାଳ

- ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ପ୍ଲାଟିନମ୍ ଜୁବିଲି ସମାରୋହର ୬ଷ୍ଠ ଦିବସ। ସମୟ: ସନ୍ଧ୍ୟା ୬ଟା।
- ପଲ୍ଲିଶ୍ରୀ ମେଳା ୬ଷ୍ଠ ସନ୍ଧ୍ୟା। ସ୍ଥାନ: ମହିଷାପାଟ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଭୁବନ, ୧୪।୧୦(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ମହୁଲପାଳ ଗ୍ରାମର କହ୍ନେଇ ବେହେରା (୭୦)ଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ଗତ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ରାଉତ ସାହି ପୋଖରୀକୁ ଶୌଚ ହେବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଶୁକ୍ରବାର ସକାଳେ ତାଙ୍କ ବଙ୍କୁଲି ବାଡ଼ିଟି ପୋଖରୀ ତୁଠରେ ଥିବା ଦେଖି ସେ ବୁଡ଼ିଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି କହ୍ନେଇଙ୍କ ମୃତଦେହ ଠାବ କରିଥିଲେ। ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଓକିଲଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ହିନ୍ଦୋଳ, ୧୪।୧୦(ଡି.ଏନ୍.ଏ.):** ହିନ୍ଦୋଳ ଓକିଲ ସଂଘ ସଦସ୍ୟ ସୁରେଶ ବାରିକଙ୍କୁ ତହସିଲ କାର୍ଯ୍ୟାଳୟର ଜଣେ ପଦସ୍ଥ ଅଧିକାରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସଂଘ ସଦସ୍ୟମାନେ ଉପଜିଲାପାଳଙ୍କ ଫେରାଦ ହୋଇଛନ୍ତି। ବିବାଦର ସମାଧାନ ପାଇଁ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ତହସିଲ ପକ୍ଷରୁ ସିଭିଲ କୋର୍ଟ ଡିଗ୍ରୀ ହୋଇସାରିଥିବା ଦାଖଲ ଖାରଜ ମାମଲାଗୁଡ଼ିକ ଠିକ ଭାବେ ପଞ୍ଜୀକରଣ ହେଉନାହିଁ। ଠିକ୍ ସମୟରେ ପଟ୍ଟା ମିଳୁନାହିଁ। ଏ ନେଇ ସୁରେଶ ଅଭିଯୋଗ କରିଥିଲେ। ତେବେ ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ଅଧିକାରୀ ତାଙ୍କୁ କାର୍ଯ୍ୟାଳୟକୁ ଆସିବାକୁ ବାରଣ କରିଥିଲେ, ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୈଠକରେ ସଂଘ ସଭାପତି କ୍ଷିତୀଶ ସର, ଉପସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ଦିବାକର ଦାସ, ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିରେ ଯୋଗଦେଲେ ଭାଜପା କର୍ମୀ

**ପରଜଙ୍ଗ, ୧୪।୧୦(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ନିର୍ବାଚନମଣ୍ଡଳୀର ବହୁ ଭାଜପା କର୍ମୀ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ପଞ୍ଚାୟତ ସଦରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମେଘନାଦ ପଧାନ, ବିଷ୍ଣୁ ପଧାନ, ଗୌରାଙ୍ଗ ପଧାନ, ରଞ୍ଜନ ପଧାନ, ଧ୍ରୁବ ପଧାନ, ଦୁଷ୍ମନ୍ତ ପଧାନ, ଦୁଆରୀ ପଧାନ, ପ୍ରତାପ ପଧାନ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ଯୁବନେତା ଅସିତ୍ କୁମାର ରାୟ ଚୌଧୁରୀ ଉପସ୍ଥିତ ରହି ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ସ୍ଥାନୀୟ ବିଧାୟକ ଡା. ନୃସିଂହ ଚରଣ ସାହୁଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି।

### ବାଇକ୍ ସହ ମଦ ଜବତ, ୭ ଗିରଫ

**ଢେଙ୍କାନାଳ ଅଫିସ, ୧୪।୧୦:** ଢେଙ୍କାନାଳ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏକ ବାଇକ୍ ସହ ୨୯୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଘଟଣାରେ ନେଉଳପୋଇ ଗ୍ରାମର ପଞ୍ଚାନନ ବେହେରା, ଭାଲୁମୁଣ୍ଡା ଗ୍ରାମର ସିପୁ ପାତ୍ର, ଅକ୍ଷୟ ପାତ୍ର, ପ୍ରସାଦ ସାହୁ, ଜିରିଡାମାଳି ଗ୍ରାମର ରମାକାନ୍ତ ଦାସ, ଚୁଡ଼ାଖିଆ ଗ୍ରାମର ସଞ୍ଜୟ ପଣ୍ଡା ଏବଂ ଧାନରଗଡ଼ା ଗ୍ରାମର ବାଜିରାମ ଭଗତ ଗିରଫ ହୋଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ।



ଢେଙ୍କାନାଳ ଚନ୍ଦନ ବଜାର ପୂଜା ପ୍ରତିଷ୍ଠାନ।



ଖମାର ସାହି ପୂଜା ପ୍ରତିଷ୍ଠାନ।

# ଶୋଭା ବଢ଼ାଉଛି ସମୁଦ୍ର ମନ୍ଥନ

## କାଳିକାନଗର ପ୍ରତିଷ୍ଠାନ ପାଳୁଛି ସୁବର୍ଣ୍ଣ ଜୟନ୍ତୀ

ସମୁଦ୍ର ମନ୍ଥନରୁ ଆବିର୍ଭୂତା ହୋଇଛନ୍ତି ମା'ଲକ୍ଷ୍ମୀ। ଧନଦାତ୍ରୀଙ୍କୁ ବିଷ୍ଣୁଲୋକରେ ମିଳିଛି ମହତ୍ତ୍ୱପୂର୍ଣ୍ଣ ସ୍ଥାନ। ବ୍ରହ୍ମାଣ୍ଡ ପାଳକ ମହାପ୍ରଭୁ ଶ୍ରୀବିଷ୍ଣୁଙ୍କ ଅର୍ଦ୍ଧାଙ୍ଗିନୀ ଭାବେ ସେ ପାଉଛନ୍ତି ପୂଜା। ସମୁଦ୍ର ମନ୍ଥନ ବେଳେ ମା'ଙ୍କ ଆବିର୍ଭାବ ଏବଂ ତାଙ୍କୁ ଦେବଲୋକଙ୍କୁ ଆମନ୍ତ୍ରଣ କରାଯାଉଥିବାର ଦୃଶ୍ୟକୁ ନିଖୁଣ ଭାବେ ମଣ୍ଡପରେ ସ୍ଥାନିତ କରିଛି କାଳିକାବଜାର ପୂଜା କମିଟି। ପୂଜା ପ୍ରତିଷ୍ଠାନରେ ଚିତ୍ତାକର୍ଷକ ସାଜସଜ୍ଜା ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରୁଥିବାବେଳେ ମେଢ଼ ସାଜିଛି ଚଳିତ ପୂଜାର ଅନ୍ୟତମ ଆକର୍ଷଣ।



**ଢେଙ୍କାନାଳ ଅଫିସ, ୧୪।୧୦**

ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡ୍ ଅଞ୍ଚଳରେ ଥିବା କାଳିକାନଗର ପୂଜା ପ୍ରତିଷ୍ଠାନ ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ କରୁଛି ସୁବର୍ଣ୍ଣ ଜୟନ୍ତୀ ସମାରୋହ। ପୌରାଣିକ କାହାଣୀ ଆଧାରରେ ମୃଣ୍ମୟୀ ପ୍ରତିମା ନିର୍ମାଣ ଏବଂ ନିଆରା ସାଜସଜ୍ଜା କରି ସବୁବେଳେ ଚର୍ଚ୍ଚରେ ରହି ଆସିଥିବା ଏହି ପୂଜା ପ୍ରତିଷ୍ଠାନରେ ଚଳିତବର୍ଷ 'ସମୁଦ୍ର ମନ୍ଥନ' ଦୃଶ୍ୟକୁ ଅବତାରଣା କରାଯାଇଛି। ଏଥିରେ ମା' ଲକ୍ଷ୍ମୀଙ୍କ ଆବିର୍ଭାବ, ଦେବରାଜ ଇନ୍ଦ୍ର, ସଚି କିଭଳି ମା'ଙ୍କୁ ସ୍ୱର୍ଗପୁରକୁ ନେବା ପାଇଁ କିପରି ଆବାହନ କରୁଛନ୍ତି, ତାହାକୁ ନିଖୁଣ ଭାବେ ପ୍ରଦର୍ଶିତ କରାଯାଇଛି।

୧୯୭୨ରେ କାଳିକାନଗର ପ୍ରତିଷ୍ଠାନରେ ମା'ଙ୍କ ପୂଜା ଆରମ୍ଭ ହୋଇଥିଲା। ସେତେବେଳେ ଖର୍ଚ୍ଚ ହୋଇଥିଲା ମାତ୍ର ୭୦୦ ଟଙ୍କା। ଏବେ ପୂଜାର କଳେବର ବଦଳିଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। ଚଳିତବର୍ଷ ପୂଜା ପ୍ରତିଷ୍ଠାନ ସୁବର୍ଣ୍ଣ ଜୟନ୍ତୀ ପାଳୁଛି। ଏହି ଉପଲକ୍ଷେ ୧୧ରୁ ୧୭ ତାରିଖ ଯାଏ ଆୟୋଜିତ ହେଉଛି ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଗୁରୁବାର ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ୨୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ରଙ୍ଗିନ ଆଲୋକମାଳା, ଆଖି ଝଲସାଇବା ଭଳି ସାଜସଜ୍ଜା ଅନ୍ୟତମ ଆକର୍ଷଣ ପାଲଟିଥିବାବେଳେ ମା'ଙ୍କ ସନ୍ଧ୍ୟା ଦର୍ଶନ ପାଇଁ ମଣ୍ଡପରେ ପ୍ରବଳ ଭିଡ଼ ହେଉଛି।

### କର୍ମକର୍ତ୍ତାଙ୍କ ମଧରେ ବିପୁଳ ଉତ୍ସାହ



ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଇଁ କର୍ମକର୍ତ୍ତାଙ୍କ ମଧରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଛି। ଅଞ୍ଚଳବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ଚାଲିଛି।

**-ଭାବଗ୍ରାହୀ ପଣ୍ଡା, ସମ୍ପାଦକ**

### ଦୁଇବର୍ଷର ଦୁଃଖ ଲାଘବ ହୋଇଛି



ମହାମାରୀ କରୋନା ପାଇଁ ଲକ୍ଷ୍ମୀପୂଜା ଫିକା ପଡ଼ିଥିଲା। ସ୍ଥିତି ବଦଳିବା ପରେ ଆଡମ୍ବରରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ଦୁଇବର୍ଷର ଦୁଃଖ ଲାଘବ ହୋଇଛି।

**-ହୃଷୀକେଶ ମହାନ୍ତି, ଆବାହକ**

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
dklselfie@gmail.com



@ ସୂର୍ଯ୍ୟକାନ୍ତ



@ ଚନ୍ଦ୍ରକାନ୍ତ



@ ରଶ୍ମିରଞ୍ଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୂଜ୍ୟପୂଜା କାର୍ଯ୍ୟକ୍ରମ



**ଢେଙ୍କାନାଳ ଅଫିସ, ୧୪।୧୦**

ଢେଙ୍କାନାଳ ଖମାରସାହି ପୂଜା ପ୍ରତିଷ୍ଠାନ ପକ୍ଷରୁ ଶୁକ୍ରବାର ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩୪ ବର୍ଷରେ ପଦାର୍ପଣ କରିଥିବା ପୂଜାମଣ୍ଡପ ଲକ୍ଷ୍ମୀପୂଜାକୁ ମହାଆଡମ୍ବରରେ ପାଳନ କରି ଆସୁଛି। ଏଥିରେ ଯେଉଁମାନଙ୍କ ଅବଦାନ ରହିଛି, ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ସୁକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ହର୍ଷବର୍ଦ୍ଧନ ସିଂଦେଓ, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, ସୁଧାଂଶୁ କୁମାର ଦଳେଇ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ମିଳିତବଜାର ପୂଜା କମିଟି ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ଐରା ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ଦ୍ଦେଶକ ଡ. ସୁରେଶ ପଣ୍ଡା, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୂପ ଦାସ, ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ ସାହୁ, କାର୍ଯ୍ୟକାରୀ ସଭାପତି ବସନ୍ତ ରଥ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଗୌରବମୟ ଇତିହାସର ସ୍ମୃତିଚାରଣ କରିଥିଲେ। ଏହାପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।

# ୧୭୧ ଦିବ୍ୟାଙ୍ଗ ଚିହ୍ନଟ

**ଭୁବନ, ୧୪।୧୦(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପ୍ରଶାସନ ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ ଶୁକ୍ରବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ ଓ ଏନ୍ଏସି ଅନ୍ତର୍ଗତ ୧୮୩ ଆଶାୟୀ ସେମାନଙ୍କ ନାମ ପଞ୍ଜୀକରଣ କରିଥିବାବେଳେ ୧୭୧ ଜଣଙ୍କୁ ଦିବ୍ୟାଙ୍ଗ ଭାବେ ଚିହ୍ନଟ କରାଯାଇଛି। ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ପ୍ରଭାସ ପରିଡ଼ା, ଚକ୍ଷୁ ବିଶେଷଜ୍ଞ ଡା. ଏସ୍.କେ. କାଲିମୁଲ୍ଲା, ମେଡିସିନ ବିଭାଗର ଡା. ମୀନାକୁମାରୀ ଦ୍ୱାରି, ଇଏନ୍‌ଟି ବିଭାଗ ବିଶେଷଜ୍ଞ ଡା. ପ୍ରଦ୍ୟୁମ୍ନ ମହାପାତ୍ର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ଶ୍ରୀକାନ୍ତ ବେହେରା, ଆସେସମେଣ୍ଟ ଯନ୍ତ୍ରୀ ପ୍ରଶାନ୍ତ ବିଶ୍ୱାଳ, ବିଜନ କୁମାର ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଚାନ୍ଦିମେଢ଼, ଦହିପଖାଳ ଆକର୍ଷଣ



କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୪।୧୦**

ଲକ୍ଷ୍ମୀବଜାର ପୂଜା ପ୍ରତିଷ୍ଠାନର ପ୍ଲାଟିନମ୍ ଜୁବିଲି ସମାରୋହର ଶୁକ୍ରବାର ଥିଲା ୫ମ ସନ୍ଧ୍ୟା। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ କହିଲେ, ଘାତ ପ୍ରତିଘାତ ମଧ୍ୟରେ ଏକ ପୂଜା ପ୍ରତିଷ୍ଠାନ ୭୫ ବର୍ଷ ପୂର୍ତ୍ତି ପାଳନ କରିବା ପ୍ରଶଂସନୀୟ। ସମସ୍ତ ସଦସ୍ୟଙ୍କ ଉଦ୍ୟମରେ କରାଯାଉଥିବା ଦହିପଖାଳ ସାଙ୍ଗକୁ ଚାନ୍ଦିମେଢ଼ ଚିତ୍ତାକର୍ଷକ ହୋଇଛି। ପୂଜା ପ୍ରତିଷ୍ଠାନ ସଫଳତାର ସହ ୧୦୦ ବର୍ଷ ପୂର୍ତ୍ତି ପାଳନ କରିବ ବୋଲି ସେ ଆଶାବ୍ୟକ୍ତ କରି ମା'ଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ଲକ୍ଷ୍ମୀପୂଜାର ମହନୀୟ ଇତିହାସ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗଣେଶ ବଜାର ପୂଜା କମିଟି ସମ୍ପାଦକ ବିଶ୍ୱନାଥ ବେହେରା, କାଉନ୍‌ସିଲର ଲକ୍ଷ୍ମୀପ୍ରିୟା ଦଳେଇ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ଜଗଦୀଶ ପ୍ରସାଦ ଅଗ୍ରୱାଲଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି ପ୍ରଭାକର ବେହେରା, ସାଧାରଣ ସମ୍ପାଦକ ରବିନାରାୟଣ ବେହେରା, ସଂଯୋଜକ ପଦ୍ମଭୂଷଣ ସାହୁ, ଯୁଗ୍ମ ସମ୍ପାଦକ ସତ୍ୟସ୍ୱରୂପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟନାରାୟଣ କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ବେଶାଳିଆ ଲକ୍ଷ୍ମୀପୂଜାକୁ ୫୦ ବର୍ଷ

**ଢେଙ୍କାନାଳ ଅଫିସ, ୧୪।୧୦**

ଓଡ଼ାପଡ଼ା ବ୍ଲକ ବେଶାଳିଆ ଗ୍ରାମରେ ହେଉଥିବା ଲକ୍ଷ୍ମୀପୂଜାକୁ ୫୦ ବର୍ଷ ପୂରଣ ହୋଇଛି। ଅନୁଷ୍ଠାନ ପକ୍ଷରୁ ୧୫ ତାରିଖ ଯାଏ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହେଉଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଚିକିତ୍ସକ ଡା. ଶାନ୍ତିଭୂଷଣ ପଣ୍ଡା ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓପିଏସ୍‌ସି ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା କୁକୁଟା ଗ୍ରାମର ହିମାଦ୍ରୀ ତନୟା ପ୍ରିୟଦର୍ଶିନୀ ସାହୁଙ୍କୁ 'ନନ୍ଦିନୀ ଦେବୀ ସ୍ମୃତି ସମ୍ମାନ', ଧଳପୁର ଗ୍ରାମର ଶିଳ୍ପୋଦ୍ୟୋଗୀ ସତ୍ୟରଞ୍ଜନ ମିଶ୍ରଙ୍କୁ 'ବିଜୁ ପଟ୍ଟନାୟକ ସମ୍ମାନ', ଅନୁଗୋଳ ଜିଲାର ଯୁବ ସାମାଜିକ କର୍ମୀ ବାବୁଲି ସାହୁଙ୍କୁ 'ଶହୀଦ ବାଜି ରାଉତ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ମହାଲକ୍ଷ୍ମୀ ଯୁବକ ସଂଘ, ଗ୍ରାମବାସୀଙ୍କ ସହଯୋଗରେ ୧୯୭୨ରୁ ଲକ୍ଷ୍ମୀପୂଜା ପାଳିତ ହୋଇଆସୁଛି।



ବେଶାଳିଆ ଗ୍ରାମ ପୂଜା ପ୍ରତିଷ୍ଠାନରେ ମା'ଙ୍କ ମୃଣ୍ମୟୀ ପ୍ରତିମା।

# ପୂଜା-ପଲ୍ଲିଶ୍ରୀ ମେଳା ସଂଯୋଗ ପ୍ରଶଂସନୀୟ

**ଢେଙ୍କାନାଳ ଅଫିସ, ୧୪।୧୦**

ଢେଙ୍କାନାଳ ମହିଷାପାଟ ପଡ଼ିଆରେ ଚାଲିଥିବା ପଲ୍ଲିଶ୍ରୀ ମେଳାର ଶୁକ୍ରବାର ଥିଲା ୫ମ ସନ୍ଧ୍ୟା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳାଇ କହିଲେ, ସଂସ୍କୃତି, ପରମ୍ପରା ଓ ଐତିହ୍ୟରେ ପରିପୂର୍ଣ୍ଣ ଜିଲା ହେଉଛି ଢେଙ୍କାନାଳ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ଆପଣାର କରିଥାଏ। ଏ ମାଟିର ପୁଅ ବାଜି ରାଉତଙ୍କ ବଳିଦାନ ଅବିସ୍ମରଣୀୟ। ଦୁଇବର୍ଷ ପରେ ୩୦୦ ଷ୍ଟଲକୁ ନେଇ ପଲ୍ଲିଶ୍ରୀ ମେଳା ଆରମ୍ଭ ହୋଇଛି। ପଲ୍ଲିଶ୍ରୀମେଳା ସହ ଲକ୍ଷ୍ମୀପୂଜାର ସଂଯୋଗ ପ୍ରଶଂସନୀୟ ବୋଲି ସେ କହିଥିଲେ। ଜିଲାପାଳ ସରୋଜ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ ଦରୱାନ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ବିକାଶ ବେହେରା, ପ୍ରଦୀପ ସାହୁ, ପ୍ରଫୁଲ୍ଲ ଜେନା, ବେଣୁଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ରାମେଶ୍ୱରୀ ପଟ୍ଟନାୟକ ଓ ବିଜ୍ଞାନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ପଲ୍ଲିଶ୍ରୀ ମେଳା ୫ମ ସନ୍ଧ୍ୟାର କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କଳାକାରମାନେ।

## ସଂକ୍ଷେପରେ

### ଲକ୍ଷ୍ମୀପୂଜାରେ ବୁକ୍‌ଷ୍ଟଲ୍ ଉଦ୍‌ଘାଟିତ

ଅନୁଗୋଳ ଅଫିସ, ୧୪।୧୦- ଅନୁଗୋଳ ସହରରେ ହେଉଥିବା ଲକ୍ଷ୍ମୀପୂଜା ଅବସରରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲା କମିଟି ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ଏକ ବୁକ୍‌ଷ୍ଟଲ୍ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ନଗରପାଳ ତଥା ବସ୍‌ଷ୍ଟାଣ୍ଡ ଲକ୍ଷ୍ମୀପୂଜା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ବ୍ରଜବନ୍ଧୁ ସାହୁ, ସୁବାସ ପ୍ରଧାନ, ତୀର୍ଥବାସୀ ଭୋଇ, ମାନସ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ପିଢ଼ିର ଛାତ୍ର, ଯୁବକମାନଙ୍କ ମଧ୍ୟରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ସମାଜର ପ୍ରଗତିଶୀଳ ଆଦର୍ଶ ଓ ମୂଲ୍ୟବୋଧ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବୁକ୍‌ଷ୍ଟଲ୍ ଖୋଲାଯାଇଥିବା ଏସ୍‌ୟୁସିଆଇ ପକ୍ଷରୁ କୁହାଯାଇଛି।

### ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

ଛେଣ୍ଡିପଦା,୧୪।୧୦(ସ୍ୱ.ପ୍ର.)- ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା ଗଡଡୁଣୀ ପୋଲ ନିକଟରେ ଶୁକ୍ରବାର ଏକ ମୋଟର ସାଇକେଲ ଗଛରେ ପିଟିହେବା ଫଳରେ ଚାଳକ ନାଲ୍‌କୋ ରୁରଙ୍ଗ ଗ୍ରାମର ରମେଶ ଚନ୍ଦ୍ର ବେହେରା ଗୁରୁତର ହୋଇଛନ୍ତି। ରମେଶ ଛେଣ୍ଡିପଦାରୁ ଅପରାହ୍ଣ ୪ଟା ବେଳେ ନିଜ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେହି ରାସ୍ତା ଦେଇ ଯାଉଥିବା କେତେଜଣ ଲୋକ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପୋଲିସ ଖବରପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସମ୍ପର୍କୀୟଙ୍କୁ ପଚରା ଉଚରା କରିବା ସହିତ ତଦନ୍ତ ଚଳାଇଛି।

### ଶିକ୍ଷାବିତ୍‌ଙ୍କ ବିୟୋଗ

କଣିହାଁ,୧୪।୧୦(ଡି.ଏନ.ଏ)- କଣିହାଁ ବ୍ଲକ ଜରଡା ଗ୍ରାମର ଶିକ୍ଷାବିତ୍ ମଦନମୋହନ



ପ୍ରଧାନ(୮୧)ଙ୍କ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ଏହି ଖବର ତାଳଚେର ଉପଖଣ୍ଡ ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ବହୁ ମାନ୍ୟଗଣ ବ୍ୟକ୍ତି, ଶିକ୍ଷାବିତ୍, ପୁରାତନ ଛାତ୍ର, ନିର୍ବାଚିତ ଲୋକପ୍ରତିନିଧି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସେ ତାଳଚେର ଡେରା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ଦୀର୍ଘବର୍ଷ ଦାୟିତ୍ୱ ନିର୍ବାହ କରି ଅବସର ଗ୍ରହଣ କରିଥିଲେ।

### ଟ୍ରକ୍ ଧକ୍କାରେ ସ୍କୁଟି ସହ ଦୋକାନ ଚୂରମାର

ବଇଣ୍ଡା,୧୪।୧୦(ଡି.ଏନ.ଏ)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା କ୍ରଶର ନିକଟରେ ପୂର୍ତ୍ତବିଭାଗ ରାସ୍ତାରେ ଶୁକ୍ରବାର ଟ୍ରକ୍ ଧକ୍କାରେ ସ୍କୁଟି ଓ ଏକ ଦୋକାନ ଚୂରମାର ହୋଇଯାଇଛି। ତେବେ ୧୦ ଜଣ ବ୍ୟକ୍ତି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ଟ୍ରକ୍ ଚାଳକଙ୍କ ବେପାରୁଆ ଗାଡି ଚାଳନାର ବିରୋଧ ସହ କ୍ଷତିପୂରଣ ଦାବିରେ ଗ୍ରାମବାସୀ ବଇଣ୍ଡା-ଆଠମଲ୍ଲିକ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଠାକୁରଗଡ଼ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ଟ୍ରକ୍ ଜବତ କରିବା ସହ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଧର୍ମପରାୟଣ ବ୍ୟକ୍ତିଙ୍କ ବିୟୋଗ

ଅନୁଗୋଳ ଅଫିସ, ୧୪।୧୦- ଅନୁଗୋଳ ବ୍ଲକ ବଲାସିଂହା ବାଲିସାହି ଅଞ୍ଚଳର ଧର୍ମପରାୟଣ ବ୍ୟକ୍ତି ଦିବାକର ରାଉଳ(୮୨)ଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି।



ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସୁଶାନ୍ତ ରାଉଳ, ଶୁକ୍ରୁ ରାଉଳ, ଦୁଇ ପୁତ୍ରବଧୂ, ଝିଅ କୁନି ରାଉଳ, ଟୁନି ରାଉଳ, ନାତି ମାନସ ରାଉଳ, ସିପନ ରାଉଳ, ନାତୁଣୀ ରାଜଶ୍ରୀ ରାଉଳ, ଶୋଭାଗିନୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ବାଲିସାହି ନିକଟ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା।

# ୨୨ ମଣ୍ଡପରେ ଦେବୀ ପଦ୍ମାଳୟା



କୁଲାଡ ପ୍ରିନ୍ସ କ୍ଲବ।



କୁଲାଡ଼ ହାଇସ୍କୁଲଠାରେ ହୋଇଥିବା ମେଢ଼।

**ବଆଁରପାଳ, ୧୪।୧୦ (ଡି.ଏନ.ଏ.)**

ବଆଁରପାଳ ବ୍ଲକରେ ମା' ଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମରେ ଚାଲିଛି। ବଆଁରପାଳରେ ୧୩ ମଣ୍ଡପ ହୋଇଥିବା ବେଳେ କୁଲାଡ଼ରେ ୯ ମଣ୍ଡପରେ ମା' ପଦ୍ମାଳୟାଙ୍କ ଆରାଧନା ହେଉଛି। ଆକର୍ଷଣୀୟ ତୋରଣ ସାଙ୍ଗକୁ ସୁସଜ୍ଜିତ ମେଢ଼ ରଙ୍ଗିନ ଆଲୋକମାଳାରେ ଝଲସି ଉଠୁଛି। ଦୈନିକ ବିଭିନ୍ନ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ମିନାବଜାର ଓ ଦୋଳିର ମଜା ନେବାକୁ ପ୍ରବଳ ଭିଡ଼ ହେଉଛି। ଚଳିତବର୍ଷ କେତେକ ସ୍ଥାନରେ ଚାନ୍ଦିମେଢ ଓ ରୁପା ମୁକୁଟ କରାଯାଇଥିବାରୁ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଡେଲି ମାର୍କେଟ ପୂଜା କମିଟି ପକ୍ଷରୁ ଚାନ୍ଦି ମେଢ ନିର୍ମାଣ କରାଯାଇଛି। ବଡ଼ ବଜାର, ଲକ୍ଷ୍ମୀ ନାରାୟଣ ପୂଜା କମିଟି, ସିଦ୍ଧେଶ୍ୱର ବଜାର, ପଞ୍ଚଶ୍ରୀକ୍ଷେତ୍ର ବଜାର, ଦୁର୍ଗା ବଜାର, ସନ୍ତ୍ରୀ ଛକ, ଶାନ୍ତି ବଜାର, ଅନ୍ନପୂର୍ଣ୍ଣା ବଜାର, ଧନ ଲକ୍ଷ୍ମୀ ପୂଜା କମିଟି ଆଦି ପୂଜା କମିଟି ପକ୍ଷରୁ ଦେବୀଙ୍କ ପୂଜା ପାଳନ କରାଯାଉଛି। ସେହିପରି କୁଲାଡ଼ ଗ୍ରାମର କୁଲାଡ଼ ଛକ, ବିଗ୍ ପଣ୍ଡ, ମା' ବ୍ରହ୍ମୟାଣୀ, ଫ୍ରେଣ୍ଡସ କ୍ଲବ, ସାହାର କ୍ଲବ, ପ୍ରିନ୍ସ କ୍ଲବ, ବଣିକ ସଂଘ, ଆଲୁମିନିୟମ ହାଇସ୍କୁଲ କମିଟି ଓ ବାବାସ କ୍ଲବ ଆଦି ୯ ମଣ୍ଡପରେ ପୂଜା ଚାଲିଛି। ସେହିପରି ଗିରାଙ୍ଗ ବଣିକ ସଂଘ ପକ୍ଷରୁ ପୂଜା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମା'ଙ୍କ ଭସାଣି ଉତ୍ସବ ଆୟୋଜନ କରାଯାଇଥିଲା। ବିଭିନ ବାଦ୍ୟ, ନୃତ୍ୟରେ ଗିରଙ୍ଗ ଛକଠାରୁ ଶୋଭାଯାତ୍ରା ବାହାରିଥିଲା। ନାଲ୍‌କୋ ନଗର ପରିକ୍ରମା କରାଯିବା ପରେ ଦେବୀଙ୍କୁ ନିକଟସ୍ଥ ଜଳାଶୟରେ ବିସର୍ଜନ କରାଯାଇଥିଲା। ବଜାରର ସମସ୍ତ ବ୍ୟବସାୟୀ ସହଯୋଗ କରିଥିଲେ।

## ୧୫ ହଜାର ଟଙ୍କାରେ ଆଜ୍ଞାଲଡୁ ନିଲାମ

ଅନୁଗୋଳ ଅଫିସ, ୧୪।୧୦- ବଆଁରପାଳ ବ୍ଲକ କନ୍ୟାବେଡ଼ା ବାଲିଆ ମାର୍କେଟ ପକ୍ଷରୁ ଲକ୍ଷ୍ମୀ ପୂଜା ପାଳିତ ହେଉଛି। ଗୁରୁବାର ଦେବୀଙ୍କ ଆଜ୍ଞା ଲଡୁ ନିଲାମ କରାଯାଇଥିଲା। ଗିରାଙ୍ଗ ଗ୍ରାମର ଇନ୍ଦ୍ରଜିତି ନାୟକ ସର୍ବାଧିକ ୧୫ ହଜାର ଟଙ୍କାରେ ଏହାକୁ ନିଲାମ ନେଇଥିଲେ। ଏଥିରେ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ବିଜେଡି ନେତ୍ରୀ ବବିତା ନାୟକ, ଛବି ବେହେରା, ବାଲିଆ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜକ କ୍ଲବର ମାନସ ସାହୁ, ଦିପୁ ଦଳେଇ, ସତ୍ୟଜିତ ସାହୁ, ରଞ୍ଜିତ ସାହୁ, ଓପନ ସାହୁ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ନିଲାମଧାରୀଙ୍କୁ ଅତିଥିମାନେ ଆଜ୍ଞାଲଡୁ ପ୍ରଦାନ କରୁଛନ୍ତି।



ହେମପୁରପଡ଼ା ପଞ୍ଚାୟତ ଇଣ୍ଡଷ୍ଟ୍ରି ଛକଠାରେ ଜଣେ ଭକ୍ତ ଠାକୁରଙ୍କ ଆଶୀର୍ବାଦ କାମନା କରୁଛନ୍ତି।




ଅନୁଗୋଳ ହୁରୁରିସିଂହା ପୂଜା କମିଟି ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର।

# କୋଶଳାରେ ଆକର୍ଷଣୀୟ ପୂଜା

**ଛେଣ୍ଡିପଦା,୧୪।୧୦(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର କୋଶଳା ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଧୁମ୍‌ଧାମରେ ପାଳିତ ହେଉଛି। ଗ୍ରାମର ଚନ୍ଦନନଗରଠାରୁ ଶିମିଳିସାହି ପର୍ଯ୍ୟନ୍ତ ୯ଟି ମଣ୍ଡପରେ ପୂଜାର୍ଚ୍ଚନା ଚାଲିଛି। ଚନ୍ଦନନଗର ଲକ୍ଷ୍ମୀପୂଜା କମିଟି, ମେଡିକାଲ ଛକ ଲକ୍ଷ୍ମୀପୂଜା କମିଟି, ଲକ୍ଷ୍ମୀବଜାର ପୂଜା କମିଟି, ଦୁର୍ଗା ବଜାର ଛକ ଲକ୍ଷ୍ମୀ ପୂଜା କମିଟି, ହାଇସ୍କୁଲ ଛକ ଲକ୍ଷ୍ମୀନାରାୟଣ ପୂଜା କମିଟି, ଗୋଛାୟତସାହି ଲକ୍ଷ୍ମୀପୂଜା କମିଟି, ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣ ମା'ଲକ୍ଷ୍ମୀ ପୂଜା କମିଟି, ଦେହୁରୀସାହି ଓ ଶିମିଳିସାହି ଲକ୍ଷ୍ମୀପୂଜା କମିଟି ପକ୍ଷରୁ ମହାଲକ୍ଷ୍ମୀଙ୍କ ଆରାଧନା କରାଯାଉଛି। ଆକର୍ଷଣୀୟ ମୂର୍ତ୍ତି ଓ ସାଜସଜ୍ଜା ଦେଖିବାକୁ ଦୈନିକ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ସୁନ୍ଦର ତୋରଣ ସାଙ୍ଗକୁ ଅତ୍ୟାଧୁନିକ ଏଲ୍‌ଇଡି ଲାଇଟ ଯୋଗୁ ସମଗ୍ର ଗ୍ରାମ ଝଲସି ଉଠୁଛି। ମେଡିକାଲ ଛକ ମଣ୍ଡପରେ କେବଳ ସ୍ଥାନୀୟ ସାହିର ମହିଳାମାନେ ପୂଜାର ଦାୟିତ୍ୱ ନେଇଛନ୍ତି। ବିଭିନ୍ନ ସ୍ଥାନରେ ସ୍ଥାୟୀ ଦୋକାନ ସହିତ ବହୁ ସଂଖ୍ୟାରେ ଅସ୍ଥାୟୀ ଦୋକାନ, ବୁଲା ବିକାଳି, ଚାଟ, ଗୁପଚୁପ, ଠୁଙ୍କାପୁରି, ଦହିବରାର ଷ୍ଟଲଗୁଡ଼ିକ ଖୋଲିଛି। ୧୧ଦିନ ବ୍ୟାପୀ ଏହି ଗଣପର୍ବକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେକ କମିଟି, ପୋଲିସ ଓ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।





ଛେଣ୍ଡିପଦା ବ୍ଲକ କୋଶଳାରେ ହୋଇଥିବା ମା' ଲକ୍ଷ୍ମୀଙ୍କ ମେଢ଼।

# ଘଣ୍ଟପଡ଼ା ଗ୍ରାମ ଉତ୍ସବମୁଖର





ତାଳଚେର ଘଣ୍ଟପଡ଼ାଠାରେ ହୋଇଥିବା ମା' ଲକ୍ଷ୍ମୀଙ୍କ ମେଢ଼।

**ତାଳଚେର,୧୪।୧୦ (ନି.ପ୍ର.)**

ତାଳଚେର ବ୍ଲକ ଘଣ୍ଟପଡ଼ା ଗ୍ରାମର ୨୧ ମଣ୍ଡପରେ ପୂଜା ପାଉଛନ୍ତି ଧନଦାତ୍ରୀ। ମା' ଲକ୍ଷ୍ମୀଙ୍କ ଏହି ପୂଜା ପାଇଁ ଗ୍ରାମ ଉତ୍ସବମୁଖର ହୋଇପଡ଼ିଛି। ଚଳିତବର୍ଷ ଗ୍ରାମର ସ୍କୁଲ୍‌ସାହି, ବରସାହି, ବିଜନ୍ତା ଲକ୍ଷ୍ମୀ ପୂଜା କମିଟି ବାଲିସାହି, ଜନତା ଲକ୍ଷ୍ମୀପୂଜା ବଉଳଛକ, କୁମ୍ଭାରସାହି, ରଗୁଡିସାହି, ହରିଜନସାହି, ଭାଗବତସାହି, ସାମନ୍ତସାହି ଶ୍ରୀଲକ୍ଷ୍ମୀ ପୂଜା କମିଟି, ସାମନ୍ତସାହି(ଖ), ଜୟଶ୍ରୀ ଲକ୍ଷ୍ମୀ ପୂଜା, ୟୁନିକ୍ ବଏଜ୍, ଲକ୍ଷ୍ମୀନାରାୟଣ ପୂଜା ସମିତି ତିଅରସାହି, ମଣ୍ଡପସାହି, ସିଦ୍ଧି ଲକ୍ଷ୍ମୀ ପୂଜା ବଡସାହି, ବଡସାହି ଲକ୍ଷ୍ମୀ ପୂଜା କମିଟି, ମହାଲକ୍ଷ୍ମୀ ପୂଜା କମିଟି ନାଲ୍ଲିସାହି, ଅନ୍ନଦାତ୍ରୀ ଲକ୍ଷ୍ମୀପୂଜା କମିଟି ମାଳିସାହି, ସାଗରିକା ପୂଜା କମିଟି ସବରସାହି, ଗୋଛାୟତସାହି ଆଦି ପୂଜା ମଣ୍ଡପରେ ପୂଜା ଅନୁଷ୍ଠିତ ହେଉଛି। ଆକର୍ଷଣୀୟ ସାଜସଜ୍ଜା ଓ ଆଲୋକମାଳା ଯୋଗୁ ସମଗ୍ର ଗ୍ରାମ ଝଲସି ଉଠୁଛି। ମଣ୍ଡପ ପକ୍ଷରୁ ଲଡୁ, ମଣ୍ଡାପିଠା, ଗଜା, କାକରା, ଖିରି ଆଦି ବିତରଣ କରାଯାଉଛି। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ହେଉଛି। ଆସନ୍ତା ୨୧ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

# ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ

**ଆଠମଲ୍ଲିକ, ୧୪।୧୦ (ଡି.ଏନ.ଏ.)**

ଆଠମଲ୍ଲିକ ସହରରେ ଚଳିତବର୍ଷ ୧୩ଟି ପୂଜା ମଣ୍ଡପରେ ମା' ଧନଦାତ୍ରୀଙ୍କ ପୂଜା ଅନୁଷ୍ଠିତ ହେଉଛି। ଚରଘରିଆ ସାହି, ବଙ୍ଗଳା ସାହି, ରୁଗୁଡ଼ି ସାହି ଓ ନୂଆ ସାହି ପୂଜା ମଣ୍ଡପ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ରୁଗୁଡ଼ି ସାହିର ମା' ମାହେଶ୍ୱରୀ ଲକ୍ଷ୍ମୀ ପୂଜା କମିଟି ତରଫରୁ ଗୁରୁବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାୟିକା ଗାୟକମାନେ ସୁନ୍ଦର ସଙ୍ଗୀତ ପରିବେଷଣ କରିଥିଲେ। ସ୍ଥାନୀୟ କଳାକାର ଦିବ୍ୟାଙ୍ଗ ଜଗା ବେହେରା ଗୀତ ଗାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ଲକ୍ଷ୍ମୀ ପୂଜା ଆୟୋଜନରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ କମିଟିର ସଭ୍ୟ ଅଜୁ ସିଂହଙ୍କୁ ଉପଦେଷ୍ଟା ଉଦୀପ୍ତ କୁମାର ପୁରୋହିତ ଓ ଦୀନେଶ କୁମାର ସିଂହ ସମ୍ବର୍ଦ୍ଧିତ କରିଥିଲେ। ଲକ୍ଷ୍ମୀ ପୂଜା କମିଟି ସଭାପତି ଅବିନାଶ ଷଡ଼ଙ୍ଗୀ, ସମ୍ପାଦକ ଧୀରଜ କୁମାର ନାୟକ, କୋଷାଧ୍ୟକ୍ଷ ପ୍ରମୋଦ କୁମାର ମହାପାତ୍ର, କାଉନସିଲର ଲିକୁ ଦାସଙ୍କ ସମେତ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



ମଞ୍ଚରେ କମିଟି କର୍ମକର୍ତ୍ତାମାନେ।



ପୂଜାସ୍ଥଳରେ ମନ୍ତ୍ରୀ, ଉପବାଚସ୍ପତି, ବିଧାୟକ ଓ ଅନ୍ୟମାନେ।



ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଛାତ୍ରମାନେ ଦର୍ଶନ କରୁଛନ୍ତି।

# ଜମୁଛି ଚୌରାଶି ମହାଲକ୍ଷ୍ମୀ ପୂଜା

**ମାଧପୁର, ୧୪।୧୦**

ଆଠମଲ୍ଲିକ ବ୍ଲକ ମାଧପୁରଠାରେ ଚୌରାଶି ମହାଲକ୍ଷ୍ମୀ ପୂଜା ବେଶ୍ ଆଡ଼ମ୍ବରରେ ପାଳନ ହେଉଛି। ଦୈନିକ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବେ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଉଥିବାବେଳେ କାର୍ଯ୍ୟକ୍ରମ ଦେଖିବାକୁ ପ୍ରବଳ ଜନଗହଳି ହେଉଛି। କଂସ ଦରବାରର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବେ ଆଠମଲ୍ଲିକ ତହସିଲଦାର ଯଶୋବନ୍ତ ଦେହୁରୀ, ବିଡିଓ ସୌଭାଗ୍ୟ ବେହେରା, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। କମିଟି ତରଫରୁ ମାଧପୁରରେ ଥିବା ସରକାରୀ ଜମି ଚିହ୍ନଟ ପାଇଁ ତହସିଲଦାରଙ୍କୁ ଅନୁରୋଧ କରାଯାଇଥିଲା। ଏ ଦିଗରେ ପଦକ୍ଷେପ ନେବାକୁ ଉଦ୍ୟମ କରିବେ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ତୃତୀୟ ସନ୍ଧ୍ୟାରେ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ଉପବାଚସ୍ପତି ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ ଯୋଗଦେଇଥିଲେ। ବର୍ଷା ଯୋଗୁ କଂସ ଦରବାର ଅନୁଷ୍ଠିତ ହୋଇପାରି ନ ଥିଲା। ଗୁରୁବାର ୫ମ ସନ୍ଧ୍ୟାରେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, କନ୍ଦପଡ଼ା ଓ ମାଧପୁର ସମିତି ସଭ୍ୟ ଯୋଗଦେଇଥିଲେ। ଏହି ଅବସରରେ ବିଧାୟକ ସାଏ ନିର୍ମାଣାଧୀନ ଲକ୍ଷ୍ମୀଙ୍କ ମନ୍ଦିର ପାଇଁ ୫ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ।

# ନବୀନ ସରକାର ବିକାଶ କରିଛନ୍ତି

**ବଇଣ୍ଡା,୧୪।୧୦(ଡି.ଏନ.ଏ)**

ନବୀନ ସରକାର ଅମଳରେ ବିଭିନ୍ନ ଗ୍ରାମର ବିକାଶ ହୋଇଛି। ମୌଳିକ ସମସ୍ୟା ସମାଧାନ ସହ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ଏକଜୁଟ ହୁଅନ୍ତୁ ବୋଲି ଆଠମଲ୍ଲିକ ବିଜେଡି ପକ୍ଷରୁ ଷୋଳପଦା ଅଞ୍ଚଳରେ ଅନୁଷ୍ଠିତ ପଦଯାତ୍ରାରେ ଯୋଗଦେଇ ବିଧାୟକ ରମେଶ ଚନ୍ଦ୍ର ସାଏ ଏହି ଆହ୍ୱାନ ଦେଇଛନ୍ତି। ବରଡିପ ଶିବ ମନ୍ଦିରରୁ ଏହି ପଦଯାତ୍ରା ଆରମ୍ଭ ହୋଇ ସତ୍ୟବାଦୀପୁର, ପାଇକସାହି, କଳାପାଟନାଳି, ବନ୍ଥୁଲ, ନୁହୁରାପଦା, ଦାଦର, କୁସୁମଧରା ଆଦିଗ୍ରାମ ପର୍ଯ୍ୟନ୍ତ ଯାଇଥିଲା। ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ବିଧାୟକଙ୍କ ପ୍ରତିନିଧି କାଳନ୍ଦୀଚରଣ ପ୍ରଧାନ, ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ଟାପଢୋଲ ସରପଞ୍ଚ ଚନ୍ଦ୍ରଶେଖର ସାହୁ, ମୋହନ ଭୋଇ, ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ, ଦିଲୀପ ସାହୁ, ମନୋଜ ରାଉତଙ୍କ ସମେତ ବହୁ ବିଜେଡି କର୍ମୀ ଯୋଗ ଦେଇଥିଲେ।



ବିଜେଡି ପକ୍ଷରୁ ବାହାରିଥିବା ପଦଯାତ୍ରା।

# ଏନ୍‌ଟିପିସି ମାର୍କେଟରେ ଭସାଣି ଉତ୍ସବ

**କଣିହାଁ,୧୪।୧୦(ଡି.ଏନ.ଏ.)**

କଣିହାଁସ୍ଥିତ ଏନ୍‌ଟିପିସି ବଜାରରେ ଗଜଲକ୍ଷ୍ମୀ ପୂଜା ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଚଳିତବର୍ଷ ଏନ୍‌ଟିପିସି ବଣିକ ସଂଘ ପକ୍ଷରୁ ୯ ମଣ୍ଡପରେ ଦେବୀଙ୍କ ପୂଜା କରାଯାଇଥିଲା। ପ୍ରତି ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିବାରୁ ଏନ୍‌ଟିପିସି ବଜାର ଅଞ୍ଚଳ ଝଲସି ଉଠିଥିଲା। ସନ୍ଧ୍ୟାରେ ପୂଜା ଦେବାକୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିଲା। ବଣିକ ସଂଘ ପକ୍ଷରୁ ଏନ୍‌ଟିପିସି ଲକ୍ଷ୍ମୀ ବଜାରରେ ଏନ୍‌ଟିପିସି ଓଭରବ୍ରିଜ୍ ଲକ୍ଷ୍ମୀ ପୂଜା କମିଟି, ଲକ୍ଷ୍ମୀ ବଜାର ପୂଜା କମିଟି 'କ' ଓ 'ଖ', ବାଇପାସ ବଜାର (କଣିହାଁ ରୋଡ୍) ପୂଜା କମିଟି, ବାଇପାସ ବଜାର (ତାଳେଚର ରୋଡ୍) ପୂଜା କମିଟି, ଭୀମକାଣ୍ଡ ଚନ୍ଦନ ବଜାର ପୂଜା କମିଟି, ହିଙ୍ଗୁଳା ବଜାର ପୂଜା କମିଟି (ତେଲିସିଂହା ରୋଡ), ପରିବା ମାର୍କେଟ, ସାପ୍ତାହିକ ହାଟ ମାର୍କେଟ ମଣ୍ଡପରେ ମା'ଙ୍କ ପୂଜା କରାଯାଇଥିଲା। ବିଭିନ୍ନ ମଣ୍ଡପରେ ନାମ ସଂକୀର୍ତ୍ତନ ସହିତ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ଭୀମକାଣ୍ଡ ଦଶହରା ପଡ଼ିଆରେ ମିନାବଜାରରେ ବେଶ୍ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା। ଶୁକ୍ରବାର ବଣିକ ସଂଘ ପକ୍ଷରୁ ଧୁମ୍‌ଧାମରେ ଭସାଣି ଉତ୍ସବ ଆୟୋଜନ କରାଯାଇଥିଲା। ମେଢ଼ଗୁଡ଼ିକୁ ବିରାଟ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯିବା ପରେ ଜଳାଶୟରେ ବିସର୍ଜନ କରାଯାଇଥିଲା। ବିଭିନ୍ନ ବାଦ୍ୟ, ସାଉଣ୍ଡରେ ଅଞ୍ଚଳ ଦୁଲୁକି ଉଠିଥିଲା। ବଣିକ ସଂଘ ସ୍ଥାୟୀ କମିଟି ସଭାପତି ଶଶାଙ୍କ ଶେଖର ପାଣି, ସୁନୀଲ ଅଗ୍ରୱାଲ, ଲଳିତ ମୋହନ ପ୍ରଧାନ, ଦିଲୀପ ବାରିକ, ସୁଧାକର ରଥ, ଶ୍ରବଣ ସାହୁ, ଦୁଃଖବନ୍ଧୁ ଭୂତିଆ, ଯଦୁମଣି ସାହୁ, ଲୋକନାଥ ସାହୁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି କଂସମୁଣ୍ଡା ଗ୍ରାମରେ ୧୨ ମଣ୍ଡପରେ ପୂଜା ପାଳନ ହୋଇଥିଲା। ଇତିମଧ୍ୟରେ ୮ଟି ମେଢ଼ର ଭସାଣି ଶୋଭାଯାତ୍ରା ଶେଷ ହୋଇସାରିଥିବା ସୂଚନା ମିଳିଛି।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

